# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 27th November - 2024
### News Editor : *Itishree Singh Rathaur*
*********************************

***Puri/R***

## ରାଷ୍ଟ୍ରପତି - ପୁରୀ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡିସେମ୍ବର ୪ ତାରିଖରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ନୀତି ଶୃଙ୍ଖଳା ନେଇ ଗତକାଲି ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ଭାରତୀୟ ନୌସେନାର ପ୍ରତିଷ୍ଠା ଦିବସରେ ଭାଗ ନେବାପାଇଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି ।

***BBSR/R***

## ପି.ଏମ୍. - ଡି.ଜି.ପି. ସମ୍ମିଳନୀ

ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବେ ବୋଲି ରାଜ୍ୟ ବି.ଜେ.ପି. ସଭାପତି

ମନମୋହନ ସାମଲ କହିଛନ୍ତି । ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ'ରେ ଭାଗ ନେବା ସହିତ ଏକ ସାଧାରଣ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

# ଉତ୍କର୍ଷ ଓଡ଼ିଶା ସମ୍ମିଳନୀ

ରାଜ୍ୟ ସରକାରଙ୍କ ପକ୍ଷରୁ ନିବେଶକ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା' ଆସନ୍ତା ଜାନୁୟାରୀ ମାସ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ହେବ । ବିଭିନ୍ନ ଦେଶରୁ ଶିଳ୍ପପତି, ନିବେଶକ, ଶିଳ୍ପ ବିଶେଷଜ୍ଞ, ଶିଳ୍ପ ନୀତିନିୟମ ପ୍ରଣେତା ଏବଂ କୂଟନୀତିଜ୍ଞମାନେ ଏହି ସମ୍ମିଳନୀରେ ଯୋଗଦେବେ । ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବାପାଇଁ ଭିତ୍ତିଭୂମି, ସୂଚନା ଓ ପ୍ରଯୁକ୍ତି, ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଉତ୍ପାଦନ ଆଦି କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି ।

***Desk***

# ଦୁଗ୍ଧ ଉତ୍ପାଦନ

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦୁଇଗୁଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି । ରାଜ୍ୟସ୍ତରୀୟ ରାଜ୍ୟ ଦୁଗ୍ଧ ଦିବସ ପାଳନ ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ

ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କୃଷି ଉଦ୍ୟୋଗ ଯୋଜନାରେ ଗାଇ ଫାର୍ମ ଓ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା କହିଛନ୍ତି । କାର୍ଯ୍ୟକ୍ରମରେ ୨୫ ଜଣ ସଫଳ ଦୁଗ୍ଧ ଚାଷୀ ଓ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

***Desk***

# ଜାତୀୟ ଗୋପାଳ ରତ୍ନ ସମ୍ମାନ

ଗୋପାଳନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କାନପୁର ଗ୍ରାମର ଭାସ୍କର ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି 'ଜାତୀୟ ଗୋପାଳ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ କୃତ୍ରିମ ପ୍ରଜନନ କାର୍ଯ୍ୟପାଇଁ ଏହି ସମ୍ମାନ ମିଳିଛି । ନୂଆଦିଲ୍ଲୀରେ ଆୟୋଜିତ ସମାରୋହରେ ବିଭାଗୀୟ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ବାଘେଲ' ଶ୍ରୀ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ ।

*Desk*

## ବାତ୍ୟା ଦାନା - କେନ୍ଦ୍ରୀୟ ଟିମ୍

ବାତ୍ୟା 'ଦାନା'ରେ କ୍ଷତିଗ୍ରସ୍ତ ହୋଇଥିବା ୩ଟି ଜିଲ୍ଲା କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆନ୍ତଃ ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ କ୍ଷୟକ୍ଷତି ଆକଳନ କରିବା ପରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ. ରାୟଙ୍କ ନେତୃତ୍ୱରେ ଏକ ସାତଜଣିଆ ଟିମ୍ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିବା ଜଣାପଡ଼ିଛି । କ୍ଷୟକ୍ଷତି ଭରଣା ଏବଂ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇ ଦେବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

*Desk*

## ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାପାଇଁ ଖୁବ୍ ଶୀଘ୍ର ନୂଆ ସର୍ଭେ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ପୂର୍ବରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ନୂଆ ସର୍ଭେରେ ଘରଡିହ ଯୋଗାଇ ଦେବାପାଇଁ ସାମିଲ୍ କରାଯିବ । ଭିନ୍ନକ୍ଷମ ଓ ବିଧବାଙ୍କୁ ବାସଗୃହ ବଣ୍ଟନପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ।  ଯଦି କୌଣସି ଗ୍ରାମରେ ୧୫ରୁ

୨୦ଟି ପରିବାର ଘରଡିହ ନ ଥିବ, ସେ କ୍ଷେତ୍ରରେ ଗାଁ ଭଳି କ୍ଲଷ୍ଟର କରାଯାଇ ଘର ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।

ଅନ୍ୟପକ୍ଷରେ ଜାଗା ମିଶନ ଯୋଜନାରେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୧ ହଜାର ୬୧୭ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦେଇଛନ୍ତି । ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଏକ ପ୍ରଶ୍ନରେ ବିଧାନସଭାରେ ଗତକାଲି ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି ।

***Desk***

# ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମାର୍ଗଶୀର କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାପରେ ଗୁପ୍ତନୀତି ଆରମ୍ଭ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଆଜି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟାପାଇଁ ଶ୍ରୀବିଗ୍ରହମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

***Desk***

# ରାଜ୍ୟସଭା ଆସନ

ଓଡ଼ିଶାର ଏକମାତ୍ର ଖାଲିପଡ଼ିଥିବା ରାଜ୍ୟସଭା ଆସନ ଲାଗି ଆସନ୍ତା ମାସ ୨୦ ତାରିଖରେ ଭୋଟ ଗ୍ରହଣ ହେବ। ଭାରତର ନିର୍ବାଚନ କମିଶନଙ୍କ

ସୂଚନାନୁସାରେ ଆସନ୍ତା ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ୧୦ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରଖାଯାଇଛି। ସୂଚନାଯୋଗ୍ୟ ବିଜେଡ଼ି ସାଂସଦ ସୁଜିତ କୁମାର ତାଙ୍କର ରାଜ୍ୟସଭା ପଦରୁ ଇସ୍ତଫା ଦେବାପରେ ଏହି ଆସନ ପାଇଁ ନିର୍ବାଚନ କରାଯାଉଛି। ଓଡ଼ିଶା ସମେତ ୪ଟି ରାଜ୍ୟର ୬ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ।

***Desk***

# ପାଣିପାଗ

ରାଜ୍ୟରେ କେତେକ ସ୍ଥାନରେ ଆସନ୍ତାକାଲି ଓ ଶୁକ୍ରବାର ଦିନ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜଗତ୍‌ସିଂହପୁର, ପରୀ, ଗଞ୍ଜା. ଗଜପତି, ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବ ବୋଲି ଅନୁମାନ କରାଯାଇଛି । ଜି. ଉଦୟଗିରିରେ ଗତ ୨୪ ଘଣ୍ଟା ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୬ ଡିଗ୍ରୀ ରେକର୍ଡ଼ କରାଯାଇଛି ।

*****